# Akashvani, Sambalpur

## SAMBALPURI NEWS EVENING BULLETIN

**17 September 2025- 7.02 pm- 7.12 pm.**

*********************************************

୧- ସୁସ୍ଥ ନାରୀ - ସଶକ୍ତ ପରିବାର୍ ଅଭିଯାନ୍‌ର ଶୁଭାରମ୍ଭ କଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ୭୫ ଲାଖ୍ ଗଛ୍ ଜଗାଲେ ରାଜ୍ୟ ସର୍‌କାର୍ ।

୩- ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଆଏବା କାଏଲ୍‌ଠାନୁ ହେବା ମୁଲ୍ ।

ଆଉର୍

୪- ଇଭିଏମ୍‌ଥି ରହେବା ପ୍ରାର୍ଥୀମାନ୍‌କର୍ ରଙ୍ଗୀନ୍ ଫଟୋ ।

ସୁସ୍ଥ ନାରୀ - ସଶକ୍ତ ପରିବାର୍ ଅଭିଯାନ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ମଧ୍ୟପ୍ରଦେଶ୍‌ର ଧାର୍ ଜିଲ୍ଲା ନ ସୁସ୍ଥ ନାରୀ - ସଶକ୍ତ ପରିବାର୍ ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଅକ୍ଟୋବର୍ ୨ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ

ଅଭିଯାନ୍ ଜରିଏ ସାରା ଦେଶେ ଭିନ୍ ଭିନ୍ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ମାନ୍‌କେ ମହିଳାମାନ୍‌କର୍ ସ୍ୱାସ୍ଥ୍ୟର୍ ଯାଂଚ୍ ମୁଲ୍ ହେଇଛେ । ଇ ଅଭିଯାନ୍‌ର ଫି’ ଦିନ ଡାକ୍ତର୍‌ଖାନାମାନ୍‌କେ ସ୍ୱାସ୍ଥ୍ୟ ଶିବିର୍ ମାନ୍ ଆୟୋଜନ୍ କରାଯିବା । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ମା’ ଆଉ ଛୁଆମାନ୍‌କର୍ ସ୍ୱାସ୍ଥ୍ୟର୍ ଉନ୍ନତି ଲାଗି ସଚେତନତା ସୃଷ୍ଟି କର୍‌ବାର୍ ଲକ୍ଷ୍ୟଥି ସୁମନ୍ ଶକ୍ତି ଚାଟ୍‌ବଟ୍‌ର ଶୁଭାରମ୍ଭ କରିଛନ୍ । ଆଦିକର୍ମଯୋଗୀ ଅଭିଯାନ୍‌ଥି ମଧ୍ୟପ୍ରଦେଶ୍ ଲାଗି ଆଦିସେବା ପର୍ବର୍ ଭିଲ୍ ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଭାରତ୍ ମାତାର୍ ସୁରକ୍ଷା ଲାଗି ଦେଶ୍ ସବୁବେଲେ ପ୍ରାଥମିକତା ଦେଇ ଆସୁଛେ ବଲି କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ ମାତୃବନ୍ଦନା ଯୋଜ୍‌ନାଥି ଯୋଗ୍ୟ ହିତାଧିକାରୀମାନ୍‌କର୍ ବେଙ୍କ୍ ଖାତାକେ ପ୍ରଧାନ୍‌ମନ୍ତ୍ରୀ ସିଧାସଲଖ୍ ସାହାଜ୍ ଟଙ୍କା ଦେଇଛନ୍ । ପାଖାପାଖି ୧୦ ଲାଖ୍ ହିତାଧିକାରୀ ମହିଳାମାନ୍‌କର୍ ବେଙ୍କ୍ ଖାତାକେ ସାହାଜ୍ ଟଙ୍କା ପଠାଯାଇଛେ ।

ସୁସ୍ଥ ନାରୀ, ସଶକ୍ତ ପରିବାର୍-ରାଜ୍ୟ  ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଶିକ୍ଷା, ସ୍ୱାସ୍ଥ୍ୟନୁ ନେଇକରି ଆର୍ଥିକ୍ ସଶକ୍ତିକରଣ୍ ତକ୍ ମହିଲାମାନ୍କର୍ ଜୀବନ୍ଥି ସବୁସ୍ତର୍ ନ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଭିନ୍ ଭିନ୍ ଯୋଜ୍ନା ସହଯୋଗ୍ର ହାତ୍ ବଢ଼େଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ ଠାନେ ରାଜ୍ୟସ୍ତରୀୟ 'ସୁସ୍ଥ ନାରୀ, ସଶକ୍ତ ପରିବାର୍' ଅଭିଯାନ୍ର ଶୁଭାରମ୍ଭ କରିକରି ମୁଖ୍ୟମନ୍ତ୍ରୀ ଇ ଅଭିଯାନ୍ଥି ରାଜ୍ୟର୍ ଦେଢ଼୍ କୋଟି ମହିଲା ଉପକୃତ ହେବେ ବଲି କହିଛନ୍ । କାର୍ଯ୍ୟକ୍ରମ୍ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟିଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍ର ସଦସ୍ୟମାନେ ଭିଲ୍ ଉପସ୍ଥିତ୍ ଥିଲେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଯାଂଚ୍ ଶିବିର୍ ଉଦ୍ଘାଟନ୍ କରିଥିଲେ ।

ସ୍ୱଚ୍ଛତା ହିଁ ସେବା ଆର୍ଏନ୍ୟୁ/ସମ୍ବଲପୁର/ବୌଦ୍ଧ

ସମ୍ବାଦଦାତା

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍ସରେ ଆଏଜ୍ ସାରା ଦେଶେ ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନ୍ ମୁଲ୍ ହେଇଛେ । ଇ ଅଭିଯାନ୍ ୧୫ ଦିନ୍ତକ୍ ଚାଲ୍ବା ଆଉ ଆଏବା ମାସ ୨ ତାରିଖ୍ ଦିନ ଶେଷ୍ ହେବା । ଅଭିଯାନ୍ର ମୁଖ୍ୟ ଲକ୍ଷ୍ୟ ହେଉଛେ, ସ୍ୱଚ୍ଛତା ଲାଗି ସମ୍ମିଲିତ୍ ଉଦ୍ୟମ୍ର ଆବଶ୍ୟକତା ଉପ୍ରେ ଲୁକ୍କୁ ସଚେତନ୍ କର୍ବାର୍ । ଇ ଅବ୍ସରେ ଗାଁ ଆଉ

ସହର୍ ଇଲାକା ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଆଏବା ୨୫ ତାରିଖ୍ ଦିନ ସାରା ଦେଶେ ସ୍ୱେଚ୍ଛାସେବୀ ଶ୍ରମଦାନ୍ 'ଏକ୍ ଦିନ୍- ଏକ୍ ଘଂଟା- ଏକ୍ ସାଥ୍' କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ ।

ଇ ଅବ୍‌ସରେ ଆଏଜ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସେବା ପକ୍ଷ ମୁଲ୍ ହେଇଛେ । ଆଏଜ୍‌ଠାନୁ ଅକ୍ଟୋବର୍ ୨ ତାରିଖ୍‌ତକ୍ ସାରା ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ବୌଦ୍ଧ ଜିଲ୍ଲା ନ ସ୍ୱଚ୍ଛତା ହିଁ ସେବା ମୁଲ୍ ହେଇଛେ । ଇ ଅବ୍‌ସରେ ହେଇଥିବା ସ୍ୱଚ୍ଛତା ଅଭିଯାନ୍‌ଥି ସର୍‌କାରୀ ଦଲ ମୁଖ୍ୟ ସଚେତକ ଆଉ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍, ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆର୍ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇକରି ସ୍ୱଚ୍ଛତା ନେଇକରି ଲୁକ୍‌କୁ ସଚେତନ୍ କରିଥିଲେ । ଇ ଅବ୍‌ସରେ ଗୁଟେ ରକ୍ତଦାନ୍ ଶିବିର୍‌ର ଆୟୋନ୍ କରାଯାଇଥିଲା ।

ମା' ପାଇଁ ଗଛଟିଏ          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ଆଏଜ୍ ସାରା ରାଏଜେ ମା ଲାଗି ଗଛଟିଏ- ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ୭୫ ଲାଖ୍ ଗଛ୍ ଜଗାଯାଇଛେ । କୃଷି ଆଉ

କୃଷକ୍ ସଶକ୍ତିକରଣ୍ ବିଭାଗ୍‌ର ଉଦ୍ୟାନ୍ କୃଷି ନିର୍ଦ୍ଦେଶାଳୟ ତର୍‌ଫୁ ସବୁ ଜିଲ୍ଲା ନ ଗଛ୍ ଜଗାୟାଇଛେ । ମେରି ଲାଇଫ୍ ପୋର୍ଟାଲ୍‌ର ତଥ୍ୟ ଅନ୍‌ସାରେ ମଏଧାନ୍‌ର ୨ ବାଜିକରି ୧୬ ମିନିଟ୍‌ତକ୍ ୧ କୋଟି ୪ ହଜାର୍ ୪ ଶହ ୯ ଚାରା ସାରା ଓଡ଼ିଶା ନ ଜଗାୟାଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଏକାମ୍ର ମହାବିଦ୍ୟାଳୟ ପରିସର୍ ନ ଏକ୍ ପେଡ୍ ମା କେ ନାମ୍ କାର୍ୟ୍ୟକ୍ରମ୍‌ର ଶୁଭାରମ୍ଭ କର୍‌ବାର୍ ସହେତେ ପରିସର୍ ନ ଗଛ୍ ଜଗେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ନିଜର୍ ମା' ଲାଗି ସଭେ ଗୁଟେ ଲେଖା ଗଛ୍ ଜଗଉନ୍ ଆଉ ତାର୍ ଦେଖ୍‌ରେଖ୍ କରୁନ୍ । ଇଟା ଧର୍‌ତୀ ମାତା ଆଏବା ପିଢ଼ି ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଲାଗି ସବୁନୁ ବଡ଼ ଉପହାର୍ ହେବା ବଲି କହିଛନ୍ । କାର୍ୟ୍ୟକ୍ରମ୍‌ଥି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍ ଆଉ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ସେବା ପର୍ବ ଏନ୍‌ଏସ୍‌ଡି/ ସମ୍ବଲପୁର ସମ୍ବାଦଦାତା

'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଳିତ୍ ହେଇକରି କେନ୍ଦ୍ର ସର୍‌କାର୍

ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ପରିବର୍ତ୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ତାଙ୍କର୍ ନେତୃତ୍ୱଥି ଦେଶ୍ ଆଉ ରାଏଜେ ବିକାଶ୍‌ର ଗଙ୍ଗା ବହିଚାଲିଛେ । ପ୍ରଧାନ୍‌ମନ୍ତ୍ରୀ ସବୁବେଲେ ରାଷ୍ଟ୍ରପ୍ରଥମ୍ ନୀତିଥି ବିଶ୍ୱାସ୍ କର୍‌ବାର୍ ସହେତେ ସବ୍‌କା ସାଥ୍- ସବ୍‌କା ବିକାଶ୍- ସବ୍‌କା ବିଶ୍ୱାସ୍ ମନ୍ତ୍ରଥି କାମ୍ କରିଆସୁଛନ୍ । ବିକଶିତ୍ ଭାରତ୍ ଗଠନ୍‌ଥି ପୂର୍ବୋଦୟର୍ ବିକାଶ୍‌କେ ଜୋର୍ ଦେବାର୍ ସହେତେ ଓଡ଼ିଶାର୍ ଶିକ୍ଷାନୁ ଶିଳ୍ପତକ୍ ସବୁକ୍ଷେତ୍ର କେ ଜୋର୍ ଦଉଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ୭୫ ତମ ଜନମ୍‌ଦିନ୍ ଅବ୍‌ସରେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାଢ଼େ ୪ କୋଟି ଓଡ଼ିଆଙ୍କର୍ ତର୍‌ଫୁ ଶୁଭେଚ୍ଛା ଜନେଇଛନ୍ ।

(ଭଏସ୍ ଓଭର୍- କେନ୍ଦ୍ର ଶିକ୍ଷାମନ୍ତ୍ରୀ)

ବିଧାନ୍‌ସଭା ମୌସୁମୀ ଅଧିବେଶନ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ତାର୍ ଆଘୋନୁ ଆଏଜ୍ ସଞ୍ଜ୍‌ବେଲା ଦୁହି ବିରୋଧୀ ଦଲ୍ ବିଜେଡ଼ି ଆଉ କଂଗ୍ରେସ୍‌ର

ବିଧାୟକ୍ ଦଲ୍ ବୈଠକ୍ ହେଇଯାଇଛେ । ଭିନ୍ ଭିନ୍ ବିଷେଥି ଆଲୋଚନା କର୍‌ବାର୍ ଲାଗି ଦୁହି ଦଲ୍ ରଣନୀତି ତିଆର୍ କରିଥିବାର୍ ଜନାପଡ଼ିଛେ । ୭ ଦିନିଆ ଅଧିବେଶନ୍‌ର ପହେଲା ଦିନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦିବଙ୍ଗତ ଆଘର୍ ସଦସ୍ୟମାନ୍‌କର୍ ଉଦ୍ଦେଶ୍ୟେ ଶୋକ ପ୍ରସ୍ତାବ୍ ଆନ୍‌ବେ । ତାର୍ ଉତ୍‌ରୁ ଗୃହ ମୁଲ୍‌ତବୀ ରଖ୍‌ବାର୍‌କେ ଥିର୍ କରାଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍-ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ସୈନିକ୍ ସ୍କୁଲ୍ ପରିସର୍ ନ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଗଛ୍ ଜଗେଇଛନ୍ । ଜିଲ୍ଲା ନ ଅକ୍ଟୋବର୍ ୨ ତାରିଖ୍‌ତକ୍ ସାଢ଼େ ୪ ଲାଖ୍ ଗଛ୍ ଜଗାଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆର୍ ଜଙ୍ଗଲ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ତାର୍ ଉତ୍‌ରୁ ଶ୍ରୀ ପ୍ରଧାନ୍ ସମ୍ବଲ୍‌ପୁର୍ ମାଝୀପାଲିଠାନେ ହେଇଥିବା ସୁସ୍ଥ ନାରୀ ସଶକ୍ତ ପରିବାର୍ ଅଭିଯାନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ସେନ ଚାଲିଥିବା ସ୍ୱାସ୍ଥ୍ୟମେଳାଥି ଟିବି ନିକ୍ଷୟ ପୋଷଣ ଯୋଜ୍‌ନାର୍ କିଟ୍

ବାଂଟିଥିଲେ । ପ୍ରଧାନ୍‌ମନ୍ତ୍ରୀ ଜନ ଆରୋଗ୍ୟ ଯୋଜ୍‌ନାଥି ହିତାଧିକାରୀମାନ୍‌କୁ ସ୍ୱାସ୍ଥ୍ୟ କାର୍ଡ଼ ବାଂଟ୍‌ବାର୍ ସହେତେ ପୋଷଣ୍ ଯୋଜ୍‌ନାଥି ଭିଲ୍ କିଟ୍ ବାଂଟିଥିଲେ ।

ଏକ୍ ପେଡ଼୍ ମା କେ ନାମ-ଜିଲ୍ଲା/ ବଲାଙ୍ଗିର୍/ ନୂଆପଡ଼ା/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍/ ବର୍‌ଗଡ଼୍/

ବଲାଙ୍ଗିର୍ ଜିଲ୍ଲା ନ ଜିଲ୍ଲାସ୍ତରୀୟ ଏକ୍ ପେଡ଼୍ ମା କେ ନାମ୍ କାର୍ଯ୍ୟକ୍ରମ୍ ଚନ୍ଦନ୍‌ଭାଟି ମହାବିଦ୍ୟାଳୟ ନ ଆଏଜ୍ ହେଇଯାଇଛେ । ଇଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଆଉ ଜିଲ୍ଲା ପରିଷଦ୍ ସଭାପତି ଦେବକୀ ସାହୁଙ୍କର୍ ସହେତେ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଜିଲ୍ଲା ନ ୧ ଲାଖ୍ ୭୫ ହଜାର୍ ଗଛ୍ ଜଗାଯାଇଥିଲା । ସେବା ପକ୍ଷ ଭିତ୍‌ରେ ୪ ଲାଖ୍ ୫୦ ହଜାର୍ ଗଛ୍ ଜଗାଯିବା ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ନୂଆପଡ଼ା ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ୭୫ ହଜାର୍ ଗଛ୍ ଜଗାଯାଇଛେ । ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ଜିଲ୍ଲାପାଳ୍ କାର୍ଯ୍ୟାଳୟ ପରିସର୍ ନ ଗଛ୍ ଜଗେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସାମୂହିକ୍ ଗଛ୍ ଜଗାଯାଇଛେ । ଜିଲ୍ଲାର୍ ୪ ଟା ବନାଂଚଲର୍ ବନସୁରକ୍ଷା ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଉ ଗାଁର୍ ଲୁକ୍‌କର୍ ମିଲିତ୍ ସହଯୋଗ୍‌ଥି ଗଛ୍ ଜଗାଯାଇଛେ ।

ଦେବ୍‌ଗଡ୍ ଜିଲ୍ଲାର୍ ତିଲେଇବଣି ବ୍ଲକ୍ ସାନ୍ତରାପାଲି ଗାଁ ନ ଜିଲ୍ଲାପାଲ୍ କବୀନ୍ଦ୍ର ସାହୁ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ୍‌ଥି ଗଛ୍ ଜଗେଇଛନ୍ । ଜିଲ୍ଲା ନ ଆଏଜ୍ ଭିନ୍ ଭିନ୍ ଜାଗା ନ ଲାଖେ ୨୫ ହଜାର୍ ଗଛ୍ ଜଗାଯାଇଛେ ।

ବର୍‌ଗଡ୍ ଜିଲ୍ଲା ଭଟ୍‌ଲି ବ୍ଲକ୍ ପିପଲ୍‌ମୁଣ୍ଡା ନର୍ସରୀ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗଛ୍ ଜଗାଯାଇଛେ । ଇ ଅବ୍‌ସରେ ପରିବେଶ୍ ସୁରକ୍ଷା ଆଉ ଏକକ ବ୍ୟବହାର୍ ପ୍ଲାଷ୍ଟିକ୍ ନିଷେଧ୍ ଉପ୍‌ରେ ସଚେତନ୍ କରାଯାଇଥିଲା ।

ଇଭିଏମ୍-ପ୍ରାର୍ଥୀମାନ୍‌କର୍ ରଙ୍ଗୀନ୍ ଫଟୋ ଏକ୍ସ

ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ୍- ଇଭିଏମ୍ ଥି ଏତ୍‌କର ପ୍ରାର୍ଥୀମାନ୍‌କର୍ ରଙ୍ଗୀନ୍ ଫଟୋ ରହେବା ବଲି ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ବାଲାଟ୍ ପେପର୍‌କେ ଠିକ୍ ଭାବେ ଅନୁଧ୍ୟାନ୍ କର୍‌ବାର୍ ଲାଗି ନିର୍ଦ୍ଦେଶାବଲୀଥି ସଂଶୋଧନ୍ କରାଯାଇଛେ । ଇଭିଏମ୍‌ଥି କ୍ରମିକ୍ ସଂଖ୍ୟା ଭିଲ୍ ଆହୁରି ଭଲ୍ ଭାବେ ପ୍ରଦର୍ଶିତ୍ ହେବା । ବିହାର୍‌ନ ହେବାର୍‌କେ ଥିବା ବିଧାନ୍‌ସଭା ନିର୍ବାଚନ୍ ଲାଗି ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ଇ ସୂଚ୍‌ନା ଜାରି କରାଯାଇଛେ ।

ରତ୍ନଭଣ୍ଡାର୍ ସବ୍‌କମିଟି-ବୈଠକ     ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ରତ୍ନଭଣ୍ଡାର୍ ସବ୍‌କମିଟିର୍ ଜରୁରୀ ବୈଠକ୍ ମୁଲ୍ ହେଇଛେ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଚାଲିଥିବା ବୈଠକ୍ ନ ସ୍ଥାୟୀ ରତ୍ନଭଣ୍ଡାର୍‌ନୁ ଅସ୍ଥାୟୀ ରତ୍ନଭଣ୍ଡାର୍‌କେ ରତ୍ନ ଅଲଙ୍କାର୍ ସ୍ଥାନାନ୍ତର୍ କର୍‌ବାର୍ ବାବ୍‌ଦେ ଆଲୋଚନା କରାଯାଉଛେ । ରତ୍ନ ଅଲଙ୍କାର୍‌ର ଗନ୍‌ତିମନ୍‌ତି କେଭେ କରାଯିବା ସେ ବାବ୍‌ଦେ ଭିଲ୍ ଆଲୋଚନା ଚାଲିଛେ । ବୈଠକ୍‌ଥି ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍, ପ୍ରତ୍ନତତ୍ତ୍ୱ ବିଭାଗ୍ ଅଧିକାରୀ, ଛତିଶା ନିଯୋଗ୍ ନାୟକ ଆଉ ପରିଚାଳନା କମିଟିର୍ ସଦସ୍ୟମାନେ ଉପସ୍ଥିତ୍ ଅଛନ୍ ବଲି ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ ।

ବିଶ୍ୱକର୍ମା ପୂଜା       ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶର୍ ସବୁ କାରିଗରି ଆର୍ ବୈଷୟିକ ସଂସ୍ଥା, ଶିକ୍ଷାନୁଷ୍ଠାନ୍ ଆଉ କଲ୍‌କାର୍‌ଖାନାମାନ୍‌କେ ଆଏଜ୍ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର୍ ପୂଜା କରାଯାଉଛେ । ହେତାର୍‌ସଙ୍ଗେ ଲୁକେ ନିଜର୍ ଘର୍‌ମାନ୍‌କେ ଗାଡ଼ିମଟର୍ ଆଉ ବେଭାର୍ ହେଉଥିବାର୍ ଛୋଟ୍ ବଡ଼ ମିସିନ୍ ମାନ୍‌କୁ ପୂଜା କରିଛନ୍ ।

ସମ୍ବଲ୍‌ପୁର, ହୀରାକୁଦ୍, ବୁର୍ଲା ସହେତେ ରେଙ୍ଗାଲି ଇଲାକାର୍ ଶିଳ୍ପ କାର୍‌ଖାନାମାନ୍‌କୁ ବିଶ୍ୱକର୍ମା ପୂଜା କରାଯାଇଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦୃଷ୍ଟିକୋଣ ଆଧାରିତ୍ ଜିଏସ୍‌ଟି ସଂସ୍କାର୍ ନିଷ୍ପତି ନିଆଯାଇଥିଲା । ଲୁକ୍‌କର୍ ଜୀବନ୍‌କେ ସରଲ୍ ଆଉ ସହଜ୍ କର୍‌ବାର୍ ଲାଗି ବହୁତ୍‌ଟେ କ୍ଷେତ୍ରଥି ଟିକସ୍ କମ୍ କର୍‌ବାର୍‌କେ ଧାରିଜ୍ କରାଯାଇଛେ । ଫଂ’ ଦିନିଆ ବେଭାର୍ ହେଉଥିବା କେତେଟା ଜରୁରୀ ଦରବ୍ ଉପ୍‌ରେ ଜିଏସ୍‌ଟି ୧୨ ପ୍ରତିଶତ୍‌ନୁ ୫ ପ୍ରତିଶତ୍‌କେ କମ୍ କରାଯାଇଛେ । ଆଏବା ପିଢ଼ି଼ର୍ ଜିଏସ୍‌ଟି ସଂସ୍କାର୍ ଅଧୀନ୍‌ଥି ନିଆଯାଇଥିବା ଇ ନିଷ୍ପତି ସାଧାରଣ୍ ଲୁକ୍‌କୁ ଉତ୍ସାହିତ୍ କରିଛେ । ଇ ନୂଆଁ ଜିଏସ୍‌ଟି ଆଏବା ୨୨ ତାରିଖ୍‌ନୁ କାର୍ଯ୍ୟକାରୀ ହେବା । ଇ ବାବ୍‌ଦେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ କହିଛନ୍, ନୂଆଁ ଜିଏସ୍‌ଟି ସଂସ୍କାର୍ ଟିକସ୍ ହାର୍ କମ୍ କରିକରି ଲୁକ୍‌କର୍ ପାଖାପାଖି ୨ ଲାଖ୍ କୋଟି ଟଙ୍କାର୍ ଟିକସ୍ ବଂଚାବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଗୁଟେ, ଦୁଇଟା ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଇ ସମିଆଥି ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାକେ ଘଡ଼୍‌ଘଡ଼ି ଆଉ ବିଜ୍‌ଲି ମାରିପାରେ ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।